**NEW PAPER:** The Pramaya

**DATE:** 01.07.2018

**PAGE:** 7

ପ୍ରମେୟ
THE PRAMEYA

# ଏଏସ୍‌ବିଏମ୍‌ରେ ଫ୍ୟାକଲ୍‌ଟି ଡେଭଲପମେଣ୍ଟ କାର୍ଯ୍ୟକ୍ରମ

ଭୁବନେଶ୍ୱର,୩୦।୬ (ବ୍ୟୁରୋ) : ଏସିଆନ୍ ସ୍କୁଲ୍ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟ (ଏଏସ୍‌ବିଏମ୍) ପକ୍ଷରୁ ସାତ ଦିନିଆ ଫ୍ୟାକଲଟି ଡେଭଲପମେଣ୍ଟ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କର୍ମଶାଳାରେ ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର ଉପସଭାପତି ପ୍ରଫେସର ଡଃ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ପ୍ରଫେସର ଡଃ ବିଶ୍ୱଜିତ ପଟ୍ଟନାୟକ ଉପସ୍ଥିତ ଥିଲେ। ପ୍ରଫେସର ଡଃ ଅଶୋକ କୁମାର ଦାସ ଡାଟା ସାଇନ୍ସ, ସୋସିଆଲ୍ ସାଇନ୍ସ ଏବଂ ବାୟୋ ସାଇନ୍ସ ସମ୍ବନ୍ଧୀୟ ଗବେଷଣା ତତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଗବେଷଷରାକୁ ତଥାକଥିତ ଢ଼ଙ୍ଗରେ ସମ୍ପାଦନ ନକରି ସମାଜର ଉନ୍ନତି ନିମନ୍ତେ ନୂତନ ଦିଗର ଉନ୍ମୋଚନ ନିମିତ୍ତ ଗବେଷଣା କରିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଏଏସ୍‌ବିଏମ୍‌ର



ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ପ୍ରଫେସର ଡଃ ବିଶ୍ୱଜିତ ପଟ୍ଟନାୟକ କହିଥିଲେ, ଗବେଷଣାରେ ଗବେଷକଙ୍କ ଆଗ୍ରହ ହିଁ ସେମାନଙ୍କୁ ସଫଳତା ଦେଇପାରିବ। ଏଥିରେ ମୁଖ୍ୟତଃ ରିସର୍ଚ୍ଚ ଡିଜାଇନ୍, ସ୍କେଲ୍ ଡେଭଲପମେଣ୍ଟ, ସାମ୍ପଲିଙ୍ଗ୍, ଏସ୍.ଇ.ଏମ୍, ରିଗ୍ରେସନ୍, ଫ୍ୟାକ୍ଟର, କ୍ଲଷ୍ଟର ଆନାଲିସିସ୍ ପ୍ରଭୃତି ବିଷୟ ବସ୍ତୁ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ବାଣିଜ୍ୟ ବିଭାଗର ଡିନ୍ ପ୍ରଫେସର କିଶୋର କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଂଶଗ୍ରହଣକାରିମାନଙ୍କୁ ଶିକ୍ଷା ଗ୍ରହଣର ଧାରାକୁ ଆଗକୁ ବଢ଼ାଇବା ପାଇଁ ଅଧିକରୁ ଅଧିକ ଏଭଳି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପରାମର୍ଶ ଦେଇଥିଲେ। କର୍ମଶାଳାରେ ବିଭିନ୍ନ ରାଜ୍ୟରୁ ଅଧ୍ୟାପକ, ଅଧ୍ୟାପିକା ଏବଂ ଗବେଷକମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ଡଃ ପଦ୍ମନାଭ ମହାପାତ୍ର ଓ ଉପ ସଂଯୋଜକ ପ୍ରଫେସର ଡଃ ପ୍ରକାଶ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।